# NATIONAL NEWS BULLETIN (ODIA)

## 4 October - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ରରେ ଦେଶର ଚାଷୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନୀଧି ଯୋଜନାରେଅଷ୍ଟାଦଶ କିସ୍ତି ବଣ୍ଟନର କରିବେ ଶୁଭାରମ୍ଭ ।
- ପ୍ରତିରକ୍ଷା ଶିଳ୍ପକୁ ରପ୍ତାନୀ ଭିତ୍ତିକ କରିବା ସହିତ ଭାରତକୁ ବିଶ୍ୱର ପ୍ରତୀକ୍ଷା ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି କହିଲେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।
- ହାରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ।

– ଆସନ୍ତାକାଲି ମତଦାନ କରିବେ ୨ କୋଟି ୩ଲକ୍ଷରୁ ଅଧିକ ମତଦାତା ।

- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଇସଲାମାବାଦରେ ହେବାକୁ ଥିବା ଏସ୍.ସି.ଓ. ସମ୍ମିଳନୀରେ ଭାରତୀୟ ଦଳର ନେବେ ନେତୃତ୍ୱ ।

ଏବଂ

- ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆଉ ଅଳ୍ପ ସମୟ ପରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବ ମୁକାବିଲା ।

– ଆଜିର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଲା ଦକ୍ଷିଣ ଆଫ୍ରିକା ।

## ପ୍ରଧାନମନ୍ତ୍ରୀ-ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ସେ ୱାସିମ୍‌ଠାରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାରେ ଚାଷୀମାନଙ୍କ ପାଇଁ ଅଷ୍ଟାଦଶ କିସ୍ତି ବଣ୍ଟନର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ଦେଶର ୯ କୋଟି ୪୦ ଲକ୍ଷ କୃଷକମାନଙ୍କୁ ୨୦ ହଜାର କୋଟି ଟଙ୍କାରୁ ଅଧିକ ପରିମାଣର ଆର୍ଥିକ ରାଶି ସିଧାସଳଖ ସେମାନଙ୍କ ବ୍ୟାଙ୍କ୍ ଖାତାରେ ପ୍ରଦାନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମଧ୍ୟ ମହାରାଷ୍ଟ୍ରର ଚାଷୀମାନଙ୍କ ପାଇଁ ନମୋ ସେତ୍‌କାରୀ ମହା ସମ୍ମାନନୀଧି ଯୋଜନାର ପଞ୍ଚମ କିସ୍ତି ବାବଦକୁ ଅତିରିକ୍ତ ୨ହଜାର କୋଟି ଟଙ୍କା କୃଷକମାନଙ୍କ ବ୍ୟାଙ୍କ୍ ଖାତାକୁ ହସ୍ତାନ୍ତର କରିବେ । ସେ ମଧ୍ୟ ଦେଶବ୍ୟାପି କୃଷି ଭିତ୍ତିଭୂମି ନିର୍ମାଣ ପାଣ୍ଠି ଅଧୀନରେ ୧ ହଜାର ୯୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୭ ହଜାର ୫୦୦ରୁ ଅଧିକ ପ୍ରକଳ୍ପକୁ ଲୋକାର୍ପିତ କରିବେ । ଥାନେ ଠାରେ ସେ ମେଟ୍ରୋ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରିବେ । ଥାନେରେ ୧୨ ହଜାର ୨୦୦ କୋଟି

ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରିଂ ମେଟ୍ରୋ ରେଳ ପ୍ରକଳ୍ପର ସେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ୨୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପରେ ୨୦ଟି ଭୂ-ପୃଷ୍ଠରୁ ଉପରେ ଓ ୨ଟି ଭୂତଳ ଷ୍ଟେସନ୍ ରହିଛି । ସେ ମଧ୍ୟ ଥାନେ ମହାନଗର ନିଗମର କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥଶପନ କରିବେ ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସରକାର ପ୍ରତିରକ୍ଷା ଶିଳ୍ପକୁ ରପ୍ତାନୀ ଭିତ୍ତିକ କରିବା ସହିତ ଭାରତକୁ ଏ କ୍ଷେତ୍ରରେ ଏକ ବିଶ୍ୱ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ ସଂକଳ୍ପବଦ୍ଧ । ନୂଆଦିଲ୍ଲୀ ଠାରେ ଏସ୍.ଆଇ.ଡି.ଏମ୍.ର ସପ୍ତମ ବାର୍ଷିକ ସାଧାରଣ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ୨୦୨୩-୨୪ ବର୍ଷରେ ୧ଲକ୍ଷ ୨୭ ହଜାର କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରି ରେକର୍ଡ କରିଛି । ଏ କ୍ଷେତ୍ରରେ ଦେଶକୁ ଆହୁରି ବିକଶିତ କରିବା ପାଇଁ ପୁଞ୍ଜିନିବେଶ କରିବାକୁ ସେ ଆହ୍ୱାନ କରିଛନ୍ତି । ବିଶେଷ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସାଇବର ଡିଫେନ୍ସ ଓ ସ୍ୱୟଂଚାଳିତ ବ୍ୟବସ୍ଥାକୁ ଆଧାର କରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ଦେଶକୁ ହେଲେ ପ୍ରତିରକ୍ଷା କ୍ଷେତ୍ରରେ ପୁଞ୍ଜିନିବେଶର ଆବଶ୍ୟକତା ରହିଛି । ସେ କହିଛନ୍ତି, ଏ କ୍ଷେତ୍ରରେ ଦେଶ

ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଉତ୍ତରପ୍ରଦେଶ ଓ ତାମିଲନାଡୁରେ ପ୍ରତିରକ୍ଷା ଶିଳ୍ପ କରିଡ଼ର ନିର୍ମାଣ କରାଯାଇଛି । ସରକାରଙ୍କ ସହିତ ମିଶି ନିର୍ମାଣକାରୀ ସଂସ୍ଥାମାନେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରକୁ ଆଗକୁ ନେବା ପାଇଁ ସେ ଆହ୍ୱାନ କରିଛନ୍ତି ।

## କୋଲକାତା-ଆର୍ ଜି କର୍

ତୃଣମୂଳ ଛାତ୍ର ପରିଷଦ ନେତା ଡାକ୍ତର ଆଶିଶ ପାଣ୍ଡେଙ୍କୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସି.ବି.ଆଇ. ହାଜତକୁ ପଠାଇ ଦିଆଯାଇଛି । ସେ ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କର ସହକର୍ମୀ ଥିଲେ । ତାଙ୍କୁ ଆଜି ଆଲିପୁର୍ ସ୍ଥିତି ସି.ବି.ଆଇ. ଅଦାଲତରେ ହାଜର କରାଯାଇଥିଲା । ଗତକାଲି ମେଡିକାଲ୍ କଲେଜ୍‌ର ଆର୍ଥିକ କାରବାରରେ ଦୁର୍ନୀତି ମାମଲାରେ ସି.ବି.ଆଇ. ତାଙ୍କୁ ଗିରଫ୍ କରିବା ପରେ ପଚରା ଉଚରା କରିଥିଲା । ଆର୍.ଜି. କର ହସ୍ପିଟାଲ୍‌ରେ ମୃତ ଡାକ୍ତରୀ ଛାତ୍ରୀଙ୍କ ମାମଲାରେ ତାଙ୍କର ସମ୍ପୃକ୍ତିର ସମ୍ଭାବନା ଥିବା ନେଇ ସି.ବି.ଆଇ. ଅନୁସନ୍ଧାନ କରୁଥିବା ଜଣାପଡ଼ିଛି ।

# ସୁପ୍ରିମକୋର୍ଟ-ତିରୁପତି ଶୁଣାଣି

ତିରୁମାଲା ତିରୁପତି ମନ୍ଦିରରେ ପ୍ରସାଦମ ଲଡୁ ପ୍ରସ୍ତୁତ କରିବାରେ ଅପମିଶ୍ରିତ ଘିଅ ବ୍ୟବହାର ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ-ଏସ୍ଆଇଟି ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଏସ୍ଆଇଟିରେ ଦୁଇ ଜଣ ସିବିଆଇ ଅଧିକାରୀ, ଆନ୍ଧ୍ରପ୍ରଦେଶର ଦୁଇ ଜଣ ପୋଲିସ ଅଧିକାରୀ ଏବଂ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣର ଜଣେ ବରିଷ୍ଠ ଅଧିକାରୀ ସଦସ୍ୟ ରହିବେ। ସିବିଆଇ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଆଜି ଏହି ମାମଲାର ବିଭିନ୍ନ ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏହି ମାମଲାରେ ଆସିଥିବା ଅଭିଯୋଗ ଓ ପ୍ରତ୍ୟାରୋପ ଉପରେ କୌଣସି ବିଷୟ ପରୀକ୍ଷା କରାଯାଇ ନାହିଁ ଏବଂ ସୁପ୍ରିମ୍ କୋର୍ଟଙ୍କ ନିଷ୍ପତ୍ତିକୁ ରାଜନୈତିକ ମନ୍ତବ୍ୟ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ତିରୁମାଲା ମନ୍ଦିର ଠାକୁରଙ୍କ କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବନାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦିଆଯାଉଛି ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ବରିଷ୍ଠ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ, ରାଜ୍ୟସଭା ସାଂସଦ ତଥା ତିରୁମାଲା ତିରୁପତି ଦେବସ୍ଥାନମର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁବା ରେଡ୍ଡୀ ଏବଂ ଐତିହାସିକ ବିକ୍ରମ ସମ୍ପତ ଏବଂ ଆଧ୍ୟାତ୍ମିକ ପ୍ରବଚକ ଦୁଷ୍ମନ୍ତ ଶ୍ରୀଧରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ହରିଆଣା ନିର୍ବାଚନ

ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି । ୯୦ ଆସନ ବିଶିଷ୍ଟ ବିଧାନସଭା ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ଗୋଟିଏ ପର୍ଯ୍ୟାୟରେ ହେବାକୁ ଥିବା ମତଦାନରେ ୧ହଜାର ୩୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ୯୩୦ ଜଣ ପୁରୁଷ ଏବଂ ୧୦୧ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ହରିଆଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରଓ୍ୱାଲ୍ କହିଛନ୍ତି, ଚଳିତ ଥର ୪୬୪ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ । ରାଜ୍ୟର ୨ କୋଟି ୩ଲକ୍ଷ ୫୪ ହଜାରରୁ ଅଧିକ ମତଦାତା ୨୦ ହଜାର ୬୩୨ଟି ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ କରିବେ ।

## ଇଣ୍ଡିଆନ୍ ବାୟୁ ସେନା

ଭାରତୀୟ ବାୟୁସେନା ଆସନ୍ତା ୬ ତାରିଖ ଓ ୮ ତାରିଖ ଦିନ ଚେନ୍ନାଇରେ ତାର ୯୨ତମ ପ୍ରତିଷ୍ଠା ଦିବସ ପାଳନ କରିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଗ୍ରୁପ୍ କ୍ୟାପ୍ଟେନ୍ ସୁପାନଦୀପ ସିଂହ କହିଛନ୍ତି, ଏହି ଅବସରରେ ମାରିନାବିଚ୍‌ରେ ୧ ଘଣ୍ଟା ୫୩ ମିନିଟ୍ ଧରି ଏୟାର୍ ଶୋ ପ୍ରଦର୍ଶିତ ହେବ । ତାମ୍ରମ୍ ଠାରେ ଥିବା ବାୟୁସେନା

ଘାଟିରେ  ୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଅବସରରେ ସେଠାରେ ପରେଡ୍ ଓ ଆକାଶମାର୍ଗରେ ବିମାନ ଉଡ଼ାଣ କରାଯିବ । ଏହି ଅବସରରେ ବହୁ ସଂଖ୍ୟାରେ ପରିଦର୍ଶକମାନଙ୍କୁ ସାମିଲ କରାଯାଇ ବାୟୁସେନା ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ସିଂହ କହିଛନ୍ତି । ଏୟାର୍ ଶୋ'ରେ ୧୦ରୁ ୧୨ ଲକ୍ଷ ଦର୍ଶକ ଏକତ୍ରିତ ହେବାର ଆଶା କରାଯାଉଛି । ଇତିମଧ୍ୟରେ ବାୟୁସେନା ମୁଖ୍ୟ  ଏୟାର୍ ମାର୍ଶାଲ୍ ଅମରପ୍ରୀତ ସିଂହ କହିଛନ୍ତି, ଭବିଷ୍ୟତର ଆହ୍ୱାନକୁ ଦୃଷ୍ଟିରେ ରଖି ବାୟୁସେନା ନିଜକୁ ବିକଶିତ କରିବା ସହିତ ୨୦୪୭ ମସିହା ବେଳକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବାର ଲକ୍ଷ୍ୟ ରଖିଛି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତା ୧୫ ଓ ୧୬ ତାରିଖରେ ଇସଲାମାବାଦ୍‌ରେ ହେବାକୁ ଥିବା ଏସ୍.ସି.ଓ. ସମ୍ମିଳନୀରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ । ଏ ସମ୍ପର୍କରେ ଆଜି ଅପରାହ୍ଣରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜାକିର୍ ନାୟକ୍‌ର ପାକିସ୍ତାନ ଗସ୍ତ ସମ୍ପର୍କରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଜଣେ ପଳାତକ,

ଅପରାଧୀଙ୍କୁ ପାକିସ୍ତାନରେ ସ୍ୱାଗତ କରାଯିବା ଘଟଣାକୁ ନେଇ ଭାରତ ଆଦୌ ଆଶ୍ଚର୍ଯ୍ୟ ହୋଇନାହିଁ । ଏହି ଘଟଣାକୁ ସେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କହିଛନ୍ତି ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀଙ୍କ ସହ ସଂଘର୍ଷରେ ୭ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଆଜି ଅପରାହ୍ଣରେ ନାରାୟଣପୁର ଜିଲ୍ଲାର ଅବୁଜ୍‌ମଡ୍ ଅଞ୍ଚଳରେ ମାଓବାଦୀ ଓ ସୁରକ୍ଷା ବାହିନୀଙ୍କ ସହ ମୁହାଁମୁହିଁ ହୋଇଥିଲା । ସେହି ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ଖାନତଲାସୀ କରାଯାଉଥିବା ବେଳେ ଏହି ସଂଘର୍ଷ ଘଟିଥିଲା । ପୁଲିସ୍ ବାହିନୀ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରୁ ମାଓବାଦୀଙ୍କ ମୃତ ଦେହକୁ ଉଦ୍ଧାର କରାଯିବା ସହ ସେଠାରୁ ଏ.କେ.-୪୭ ବନ୍ଧୁକ, ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଖାନ୍‌ତଲାସୀ ଅଭିଯାନ ଜାରି ରହିଛି ।

# ୟୁରୋପୀୟ ସଂଘ-ଲେବାନନ ସହାୟତା

ୟୁରୋପୀୟ ସଂଘ ଲେବନାନ ପାଇଁ ଅତିରିକ୍ତ ୩୦ ନିୟୁତ ୟୁରୋର ମାନବିକ ସହାୟତା ଘୋଷଣା କରିଛି । ହିଜବୁଲ୍ଲା ସହ ଇସ୍ରାଏଲର ବିବାଦ ବଢ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଲେବାନନରେ ୟୁରୋପୀୟ ସଂଘର ପ୍ରତିନିଧି ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ରବିବାର ଘୋଷଣା କରାଯାଇଥିବା ୧୦ ନିୟୁତ ୟୁରୋ ବ୍ୟତୀତ ଏହି ନୂତନ ସହାୟତା ଦିଆଯିବ ।

ଏହି ସହାୟତା ପ୍ୟାକେଜରେ ତୁରନ୍ତ ଖାଦ୍ୟ ସହାୟତା, ଆଶ୍ରୟ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯିବ । ମୁଖ୍ୟତଃ ହିଜବୁଲ୍ଲା ଅଧିକାରୀ ଏବଂ ଲେବାନନ୍ ଓ ଏହାର ଉପାନ୍ତ ଅଞ୍ଚଳରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଏପର୍ଯ୍ୟନ୍ତ ୧୨ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି।

# ହାଇତି-ଆଟାକ୍

ହାଇତିର ଏକ ସହରରେ ସଶସ୍ତ୍ର ଦୁର୍ବୃତ୍ତଙ୍କ ଆକ୍ରମଣରେ ଶିଶୁମାନଙ୍କ ସମେତ ଅତି କମ୍‌ରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ଗ୍ରାନ୍ ଗ୍ରିଫ୍

ସନ୍ତ୍ରାସବାଦୀ ଗୋଷ୍ଠୀର ସଦସ୍ୟମାନେ ଏହି ଏଥିରେ ସମ୍ପୃକ୍ତ ଅଛନ୍ତି । ସେମାନେ ହାଇତିର କେତେକ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିଛନ୍ତି । ସେଠାକାର ସରକାର ଏହି ଆକ୍ରମଣକୁ ଗଭୀର ନିନ୍ଦା କରିବା ସହିତ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି ।

# କ୍ରିକେଟ୍

ସାରଜା ଠାରେ ଚାଲିଥିବା ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ରାତି ୭ଟା ୩୦ ମିନିଟ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ହାସଲ କରିଛି । ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଦଳ ୧୧୮ରନ୍ କରିଥିଲା । ଦକ୍ଷିଣ ୧୭ ଓଭର୍ ୪ଟି ବଲ୍‌ରେ କୌଣସି ୱିକେଟ୍ ନହରାଇ ଏହି ବିଜୟଲକ୍ଷ୍ୟ ହାସଲ କରିନେଇଥିଲା ।

ଆସନ୍ତା ରବିବାର ଦିନ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଇଛନ୍ତି ।